ତହସିଲ କାର୍ଯ୍ୟାଳୟ, କୋଡ଼ିଙ୍ଗା

ଜିଲ୍ଲା- ନବରଙ୍ଗପୁର

ସଂଖ୍ୟା 2304/୨୦୨୦, ତା- 9.11.2020

ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ଲଘୁ ଖଣିଜ ରିହାତି (ସଂଶୋଧନ) ନିୟମ ୨୦୧୬ ( Odisha Minor Mineral Concession (Amendment) Rules 2016) ମୁତାବକ ଏହି ତହସିଲ ଅଧୀନରେ ଥିବା ଔପଚାରିକ–କ ରେ ସୂଚିତ ସଇରାତ ଉତ୍ସ (ପଥର ଓ ବାଲି ଖାଦାନ ) ଗୁଡ଼ିକୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ଲିଜ ପ୍ରଦାନ କରିବା ନିମନ୍ତେ ନିଲାମ କରାଯିବ । ତେଣୁ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

୧. ପାଞ୍ଚ ବର୍ଷିଆ ଦୀର୍ଘ ମିଆଦି ଲିଜ୍ ନିମନ୍ତେ ଉକ୍ତ ସୈରାତ ଉତ୍ସ ଗୁଡିକର ବନ୍ଦୋବସ୍ତ ପାଇଁ ଉପର୍ଯ୍ୟୁକ୍ତ ନିୟମର ନିୟମ ୨୭(୪) ମୁତାବକ ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଫର୍ମ-M ରେ ଦରଖାସ୍ତ କରିପାରିବେ । ଦରଖାସ୍ତ ଫର୍ମ ସଠିକ ଭାବରେ ପୂରଣ କରି ଏହାର ତିନୋଟି ନକଲ ସହିତ ନିମ୍ନ ଲିଖିତ ଦସ୍ତାବିଜ ଦାଖଲ କରିବେ ।

(i) ଦରଖାସ୍ତ ଫି ବାବଦକୁ ନିମ୍ନ ଦର୍ଶିତ head of account ରେ ଜମା କରିଥିବା ଟ.୧୦୦୦(ଏକ ହଜାର ) ଟଙ୍କା ର ଟ୍ରେଜେରି ଚାଲାଣ ।

"0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties-"

(ii) ପୂର୍ବରୁ କୌଣସି ସଇରାତ ଲିଜ ର ଦେୟ ବାକି ନ ଥିବା ଦର୍ଶାଇ ଏକ ସତ୍ୟପାଠ (affidavit) ।

(iii) ଔପଚାରିକ –କ ରେ ଦର୍ଶିତ ଅଗ୍ରୀମ ଦେୟ ଜମା (earnest money deposit ) ର ଡିମାଣ୍ଡ ଡ୍ରାଫ୍ଟ/ Banker cheque ଇତ୍ୟାଦି ( in favour of Tahasildar , Kodinga payble at Nabarangpur ) ।

(iv) ଦରଖାସ୍ତ ଫର୍ମ ରେ ଉଲ୍ଲେଖ କରିଥିବା ଅତିରିକ୍ତ ମୂଲ୍ୟ ଏବଂ ରୟାଲଟିର ମୋଟ ମୂଲ୍ୟ (ସମ୍ପୂର୍ଣ ଏକ ବର୍ଷର ଲଘୁ ଖଣିଜ ଦ୍ରବ୍ୟର ମୂଲ୍ୟ ) ବା ତତୋଧିକ ମୂଲ୍ୟ ର ଅନ୍ୟୁନ ଅଠର ମାସର ବିଧି ମାନ୍ୟତା ଥିବା ବ୍ୟାଙ୍କ ଗ୍ୟାରେଣ୍ଟି କିମ୍ବା ଶୋଧକ୍ଷମତା ପ୍ରମାଣ ପତ୍ର ( Valid Solvency Certificate) ଏବଂ ରାଜସ୍ୱ ପ୍ରାଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ର ତାଲିକା ।

(v) ଗତ ବର୍ଷ ର ଆୟକର ଦାଖଲ (IT returns) ର ନକଲ ।

(vi) ଦରଖାସ୍ତକାରୀଙ୍କ ଆଧାର କାର୍ଡ଼ ଏବଂ ପାନ କାର୍ଡ଼ ର ନକଲ ।

୨. ଦରଖାସ୍ତ ଫର୍ମ-M ରେ ପରିଷ୍କାର ଭାବରେ ଅତିରିକ୍ତ ମୂଲ୍ୟ (additional charge) ଉଲ୍ଲେଖ କରିବେ ।

୩. ଉପର୍ଯ୍ୟୁକ୍ତ ନିୟମାବଳୀର ନିୟମ ୨୭ (୫ ) ମୁତାବକ ଦରଖାସ୍ତ ଫର୍ମରେ ଲଘୁ ଖଣିଜ ଦ୍ରବ୍ୟର ଘନ ମିଟର ପ୍ରତି (Per Cum) ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (additional charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ସମ୍ପୃକ୍ତ ଉତ୍ସ ନିମନ୍ତେ ଏକାଧିକ ବ୍ୟକ୍ତି ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି , ତାହା ହେଲେ ସେମାନଙ୍କ ମଧ୍ୟରେ ଲଟେରୀ ( draw of lots) ମାଧ୍ୟମରେ ଚୟନ କରାଯିବ ।

୪. ଏହି ଦୀର୍ଘ ମିଆଦି ସଇରାତ ବନ୍ଦୋବସ୍ତ ପାଇଁ ଦରଖାସ୍ତକାରୀ ପ୍ରାକ ଅନୁଶୀଳନ ପାଇଁ ଦରଖାସ୍ତ ପ୍ରଦାନ କରିବା ପୂର୍ବରୁ ପଥର / ବାଲି ଖାଦାନ ପରିଦର୍ଶନ କରି ସଇରାତ ପରିଚାଳନାପାଇଁ ଆନୁସଂଗିକ ସୁବିଧା ସୁଯୋଗ ସଂପର୍କରେ ଅବଗତ ହୋଇ ପାରିବେ ।

୫. ପ୍ରତ୍ୟେକ ଉତ୍ସ ପାଇଁ ପୃଥକ ପୃଥକ ଦରଖାସ୍ତ ଫର୍ମ ସଠିକ ଭାବେ ପୂରଣକରି ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସହିତ ତା: ୧୦-୧୨-୨୦୨୦ ରିଖ ଅପରାହ୍ନ ୫.୩୦ ଘଣ୍ଟା ସୁଦ୍ଧା ଜଉମୁଦ ଲଫାଫାରେ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ (ସରକାରୀ ଛୁଟି ଦିନ ବ୍ୟତିତ) କିମ୍ବା ରେଜିଷ୍ଟ୍ରି ଡ଼ାକ/ ସ୍ପିଡ ପୋଷ୍ଟ ଯୋଗେ ତହସିଲଦାର, କୋଡ଼ିଙ୍ଗା , ଜିଲ୍ଲା – ନବରଙ୍ଗପୁର , ପିନ –୭୬୪୦୭୫ ଙ୍କ ନିକଟକୁ ପ୍ରେରଣ କରିପାରିବେ । ନିଜର ସମ୍ପୂର୍ଣ୍ଣ ଠିକଣା ଲେଖି ଲଫାଫା ଉପରେ ଉତ୍ସ ର ନାମ ଉଲ୍ଲେଖ କରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ । ଯଦି କୌଣସି ଉତ୍ସ ନିମନ୍ତେ ନିର୍ଦ୍ଧାରିତ ସମୟ

ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି , ତାହାହେଲେ ସେହି ଉତ୍ସ ନିମନ୍ତେ ତା- ୧୧-୧୨-୨୦୨୦ ରିଖ ଠାରୁ ତା-୧୭-୧୨-୨୦୨୦ ରିଖ ଅପରାହ୍ନ ୫.୩୦ ଘଣ୍ଟା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ । ଯଦି ଦ୍ୱିତୀୟ ଥର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଉତ୍ସ ନିମନ୍ତେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି , ତାହାହେଲେ, ସେହି ଉତ୍ସ ନିମନ୍ତେ ତୃତୀୟ ତଥା ଶେଷ ଥର ତା- ୧୮-୧୨-୨୦୨୦ ରିଖ ଠାରୁ ତା-୨୩-୧୨-୨୦୨୦ ରିଖ ଅପରାହ୍ନ ୫.୩୦ ଘଣ୍ଟା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ ।

୬. ପ୍ରଥମ ଦଫାରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକର ତା-୧୧-୧୨-୨୦୨୦ରିଖ ପୂର୍ବାହ୍ନ ୧୦.୦୦ ଘଣ୍ଟା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଚୟନ କମିଟି ଦ୍ୱାରା ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟା ରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହି ପାରନ୍ତି । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଦରଖାସ୍ତ , ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସଠିକ ନ ଥିଲେ କିମ୍ବା ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ପ୍ରଦାନ କରି ନ ଥିଲେ ଉକ୍ତ ଦରଖାସ୍ତକୁ ନାକଚ କରାଯିବ । ଯଦି କୌଣସି ଉତ୍ସ ନିମନ୍ତେ ପ୍ରଥମ ଦଫାରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୋଇଥାନ୍ତି, ତାହାହେଲେ ଦ୍ୱିତୀୟ ଓ ଶେଷ ଦଫାରେ ପ୍ରାପ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକର ଯଥାକ୍ରମେ ତା- ୧୮-୧୨-୨୦୨୦ ରିଖ ଓ ତା-୨୪-୧୨-୨୦୨୦ ରିଖ ପୂର୍ବାହ୍ନ ୧୦ .୦୦ ଘଣ୍ଟା ସମୟରେ ଉପରୋକ୍ତ ପ୍ରକାରେ ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରାଯିବ । ଉକ୍ତ ଦିନ ଗୁଡିକରେ କୌଣସି କାରଣରୁ ନିଲାମ କାର୍ଯ୍ୟ ସମ୍ପନ୍ନ ହୋଇ ନ ପାରିଲେ, ତାହାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନିର୍ଧାରିତ ସମୟରେ ନିଲାମ କାର୍ଯ୍ୟ ଅନୁଷ୍ଠିତ ହେବ ।

୭. ଚୟନ ପ୍ରକ୍ରିୟା ଶେଷ ହେବାର ସାତ ଦିନ ମଧ୍ୟରେ ଚୟନ ସମ୍ବନ୍ଧୀୟ ତଥ୍ୟ ଓ ଲିଜ ର ସର୍ତ୍ତାବଳୀ ଫର୍ମ-F ରେ ମନୋନୀତ ନିଲାମଧାରୀ ଙ୍କୁ ଜଣାଇ ଦିଆଯିବ ।

୮. ମନୋନୀତ ନିଲାମଧାରୀ ଫର୍ମ-F ରେ ତଥ୍ୟ ପାଇବାର ପନ୍ଦର ଦିନ ମଧ୍ୟରେ ଉପର୍ଯ୍ୟୁକ୍ତ ନିୟମାବଳିର ନିୟମ ୨୭ (୭) ମୁତାବକ ଅମାନତ ରାଶି (security deposity) ବାବଦକୁ ଆବଶ୍ୟକ ଅର୍ଥ ରାଶି ଏହି କାର୍ଯ୍ୟାଳୟରେ ଜମା କରିବେ (ଉକ୍ତ ଅମାନତ ରାଶି ବିନା ସୁଧ ରେ ଲିଜ ଅବଧି ସରିବା ପର୍ଯ୍ୟନ୍ତ ଜମା ରଖାଯିବ) । ଏଥିରେ ଖିଲାପ କଲେ ପରବର୍ତ୍ତୀ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (additional charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀ ମଧ୍ୟ ତଦ୍ରୂପ ଖିଲାପ କଲେ , ଉକ୍ତ ନିଲାମକୁ ରଦ୍ଦ କରାଯାଇ ନୂତନ ଭାବେ ନିଲାମ କରିବା ନିମନ୍ତେ ପଦକ୍ଷେପ ନିଆଯିବ । କିନ୍ତୁ, ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (additional charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀ, ସେହି ଉତ୍ସ କିମ୍ବା ଅନ୍ୟ ଉତ୍ସ ନିମନ୍ତେ ଉଲ୍ଲେଖ ହୋଇଥିବା ସର୍ବୋଚ୍ଚ ମୂଲ୍ୟ ତୁଳନାରେ ଅସାଧାରଣ ସ୍ୱଳ୍ପ ମୂଲ୍ୟ ଦର୍ଶାଇଥାନ୍ତି, ତାହା ହେଲେ ଉକ୍ତ ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟକୁ ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଲିଜ ସମ୍ବନ୍ଧେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଜଣାଇ ଦିଆଯିବ ।

୯. ମନୋନୀତ ନିଲାମଧାରୀ ଫର୍ମ-F ରେ ତଥ୍ୟ ପାଇବା ପରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିଜ ଖର୍ଚ୍ଚରେ ପରିବେଶ ସମ୍ବନ୍ଧୀୟ କ୍ଲୀୟରାନ୍ସ (Enviormental clearance ) କ୍ଷମତା ପ୍ରାପ୍ତ ପ୍ରାଧିକାରୀ ଙ୍କ ଠାରୁ ହାସଲ କରି ଏହି କାର୍ଯ୍ୟାଳୟରେ ଦାଖଲ କରିବେ ଏବଂ ଫର୍ମ-N ରେ ନିଜ ଖର୍ଚ୍ଚରେ ଲିଜ ରାଜିନାମା ( ରେଜିଷ୍ଟ୍ରେସନ ଆକ୍ଟ ୨୦୦୮ ଏବଂ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ । ଲିଜ ରାଜିନାମା ରେଜିଷ୍ଟ୍ରେସନ କରିବା ପୂର୍ବରୁ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ପାଳନ କରିବା ପାଇଁ ଅନ୍ୟ ଏକ ଅମାନତ ରାଶି (Securty Deposit) ବାବଦକୁ ଟ.୧୦୦୦୦/- ( ଦଶ ହଜାର ଟଙ୍କା ) ଏହି କାର୍ଯ୍ୟାଳୟରେ ଜମା କରିବେ । ଏଥିରେ ଖିଲାପ କଲେ ତାଙ୍କ ଚୟନକୁ ରଦ୍ଦ କରାଯିବ ଏବଂ ଜମା କରାଯାଇଥିବା ସମସ୍ତ ଅମାନତ ରାଶି (Securty Deposit) ବାଜ୍ୟାପ୍ତି କରାଯିବ ।

୧୦. ମନୋନୀତ ନିଲାମ ଧାରୀ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡ଼ ରୁ ଆବଶ୍ୟକ ମଞ୍ଜୁରୀ ନିଜ ଖର୍ଚ୍ଚ ରେ ପ୍ରାପ୍ତ କରିବେ ।